BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ଷଷ୍ଠ ସଂଖ୍ୟା | ନଭେମ୍ବର - ଡିସେମ୍ବର ୨୦୨୪
Volume No. 02 | Issue No. 06 | Nov-Dec 2024
Refereed Peer-Reviewed Journal
BM2024/06-A002
https://bageesha.in
OPEN ACCESS

# ଲୋକଗୀତ ପରଂପରାରେ ବାଥୁଡ଼ି ସଂପ୍ରଦାୟର ଗନ୍ଧାଦିଆ ଓ ମାଟିଖୋଳା ଗୀତ

■ ଡ. ରାଜା କୁମାର ନାଏକ
ସହକାରୀ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ

Article Received : 05.12.2024 | Accepted : 25.12.2024 | Published : 10.01.2025

**ସାରାଂଶ**

ABSTRACT

ଲୋକ ସାହିତ୍ୟର ଏକ ବିଶିଷ୍ଟ ଅଙ୍ଗ ହେଉଛି ଲୋକଗୀତ। ଲୋକଗୀତ ଲୋକମାନଙ୍କଦ୍ୱାରା ସୃଷ୍ଟି ହେଲେ ହେଁ ଗୋଟିଏ ଜାତିର ଏହା ଯଥାର୍ଥ ପ୍ରତିନିଧି। ଏହି ଗୀତମଧ୍ୟରୁ ଗୋଟିଏ ଜାତିର ମାନସିକତା ତଥା ମୌଳିକ ବୈଶିଷ୍ଟ୍ୟର ପରିଚୟ ମିଳେ। ଠିକ୍ ସେହିପରି ବାଥୁଡ଼ି ଜନଜାତି ଏକ ସଂସ୍କୃତି ସଂପନ୍ନ ଜନଜାତି। ଏହି ସଂସ୍କୃତି ସଂପନ୍ନ ବାଥୁଡ଼ି ଜନଜାତି ମୟୂରଭଂଜ, କେନ୍ଦୁଝର ଓ ବାଲେଶ୍ୱର ନୀଳଗିରି ଅଞ୍ଚଳରେ ବସବାସ କରନ୍ତି। ଏହି ସଂପ୍ରଦାୟର ଲୋକମାନେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମୟ ଖଣ୍ଡରେ ବିଭିନ୍ନ ପ୍ରକାର ରୀତିନୀତିର ଅନୁସରଣ କରିଥାନ୍ତି ଏବଂ ପାରଂପାରିକ ରୀତିରେ ତତ୍‌ଜନିତ ଭିନ୍ନ ଭିନ୍ନ ଲୋକଗୀତମାନ ଗାନକରିଥାନ୍ତି। ତନ୍ମଧ୍ୟରୁ ଅନ୍ୟତମ ଉଲ୍ଲେଖନୀୟ ଲୋକଗୀତ ହେଉଛି ଗନ୍ଧାଦିଆ ଓ ମାଟିଖୋଳା ଗୀତ। ଏହି ଗନ୍ଧାଦିଆ ଓ ମାଟିଖୋଳା ଗୀତ ବାଥୁଡ଼ି ସଂପ୍ରଦାୟର ବିବାହର ଏକ ଅଂଶବିଶେଷ। ତେଣୁ ଏହା ସ୍ୱତନ୍ତ୍ର। ଏକ୍ଷେତ୍ରରେ ଏକ ଗବେଷଣାତ୍ମକ ଆକଳନ ହେଉଛି ଉକ୍ତ ଗବେଷଣା ପ୍ରବନ୍ଧ।

BM2024/06-A002

ମୂଳଶବ୍ଦ: ଲୋକଗୀତ, ବାଥୁଡ଼ି ଜନଜାତି, ଗନ୍ଧାଦିଆ ଓ ମାଟିଖୋଳା ଗୀତ, ଲୋକଜୀବନ, ମୌଖିକ ପରଂପରା

ଲୋକଗୀତ ହେଉଛି ଲୋକ ସାହିତ୍ୟର ଏକ ବିଶିଷ୍ଟ ଅଙ୍ଗ। ଏହା କେଉଁ ଆବହମାନ କାଳରୁ ପ୍ରଚଳିତ ହୋଇ ଆସୁଛି, ତା'ର ସମୟ ନିର୍ଦ୍ଧାରଣ କରିବା କଷ୍ଟଦାୟକ। ଲୋକଗୀତ କହିଲେ ଆମେ ଏତିକି ବୁଝିବା ଲୋକମାନଙ୍କ ହୃଦୟରୁ ସ୍ୱତଃସ୍ଫୂର୍ତ୍ତ ଭାବେ ଝରିଆସୁଥିବା ଗୀତକୁ ହିଁ ଲୋକଗୀତ କହିବା ଠିକ୍ ହେବ।

ଲୋକଗୀତର ସଂଜ୍ଞା ଦେବାକୁ ଯାଇ ଚକ୍ରଧର ମହାପାତ୍ର କହନ୍ତି- "ଯେଉଁ କବିତାମାନ ଏବେ ମୁଖେ ମୁଖେ ରହି ଆସିଛି, କେବେହେଲେ ଗ୍ରନ୍ଥଭାବରେ ପରିଚିତ ହେବାର ସୁଯୋଗ ଲାଭ କରିନାହିଁ ବା କୌଣସି ବ୍ୟକ୍ତି ଦ୍ୱାରା କେଉଁ ଅଜ୍ଞାତ କୋଣରେ ସୃଷ୍ଟିଲାଭ କରି ତା'ର ବିଚକ୍ଷଣ ମହକରେ ସେ ଜନ ସମାଜର କୋଣେ କୋଣେ ପ୍ରଚାରିତ ହୋଇ ସାର୍ବଜନୀନ ହୋଇପାରିଛି ତାହାକୁ ହିଁ ଗ୍ରାମ୍ୟଗୀତି ବୋଲି ଅଭିହିତ କରିବା ସମୀଚୀନ।"

ଲୋକଗୀତରେ ଲୋକ ଜୀବନର ହସ କାନ୍ଦର ଅନୁଭୂତି ଓ ଅଭିଜ୍ଞତା ଏଥିରେ ପ୍ରକଟିତ ହୋଇଥାଏ। ଏହି ଲୋକଗୀତ ମଧ୍ୟରେ ଗୋଟିଏ ଜାତି ତଥା ଅଞ୍ଚଳର ସଂସ୍କୃତି ଅନ୍ତଃସଲିଳା ଫଲଗୁ ପରି ପ୍ରବାହିତ ହୋଇଥାଏ। ଲୋକଗୀତ ଆଞ୍ଚଳିକ କଥିତଭାଷା ବା ପ୍ରଜାତିକ ଲୋକଭାଷାରେ ଏବଂ ମୌଖିକ ପରଂପରାରେ ମନୋଭାବର ଅଭିବ୍ୟକ୍ତି ସହଜ ଓ ସରଳ ଭାବରେ ପ୍ରକାଶ ପାଇଥାଏ। ଏହି ଗୀତ ଗୁଡ଼ିକ ଲୋକମାନଙ୍କ ଦ୍ୱାରା ଅବାଧ ଗତିରେ ଲୋକଜୀବନରେ ପ୍ରବାହିତ ହୋଇଥାଏ। ପୁରୁଷାନୁକ୍ରମିକ ବା ପରଂପରାଗତ ହୋଇଥିବାରୁ ଏହାର ଧାରା ଆଜି ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହିଛି ।

ଲୋକଗୀତ ଲୋକମାନଙ୍କ ଦ୍ୱାରା ସୃଷ୍ଟି ହେଲେ ହେଁ ଗୋଟିଏ ଜାତିର ଯଥାର୍ଥ ପ୍ରତିନିଧି। ଏହି ଗୀତମଧ୍ୟରୁ ଗୋଟିଏ ଜାତିର ମାନସିକତା ତଥା ମୌଳିକ ବୈଶିଷ୍ଟ୍ୟର ପରିଚୟ ମିଳେ। ଠିକ୍ ସେହିପରି ବାଥୁଡ଼ି ଜନଜାତି ଏକ ସଂସ୍କୃତି ସଂପନ୍ନ ଜନଜାତି। ଏହି ସଂସ୍କୃତି ସଂପନ୍ନ ବାଥୁଡ଼ି ଜନଜାତି ମୟୂରଭଂଜ, କେନ୍ଦୁଝର ଓ ବାଲେଶ୍ୱର ନୀଳଗିରି ଅଞ୍ଚଳରେ ବସବାସ କରନ୍ତି। ଏହି ସଂପ୍ରଦାୟର ଲୋକମାନେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମୟ ଖଣ୍ଡରେ ବିଭିନ୍ନ ପ୍ରକାର ରୀତିନୀତି ଅନୁସରଣ କରିଥାନ୍ତି ଏବଂ ପାରଂପାରିକ ରୀତିରେ ତତ୍‌ଜନିତ ଭିନ୍ନ ଭିନ୍ନ ଲୋକଗୀତମାନ ଗାନକରିଥାନ୍ତି। ତନ୍ମଧ୍ୟରୁ

ଅନ୍ୟତମ ଉଲ୍ଲେଖନୀୟ ଲୋକଗୀତ ହେଉଛି ଗନ୍ଧାଦିଆ ଓ ମାଟିଖୋଳା ଗୀତ।

ଏହି ଗନ୍ଧାଦିଆ ଓ ମାଟିଖୋଳା ଗୀତ ବାଥୁଡ଼ି ସଂପ୍ରଦାୟର ବିବାହର ଏକ ଅଂଶବିଶେଷ। ଆମେ ସମସ୍ତେ ଜାଣିଛେ, ବିବାହ ଏକ ପବିତ୍ର ବନ୍ଧନ। ବିହାହ କହିଲେ ସାଧାରଣତଃ ଜଣେ ପୁରୁଷ ଜଣେ ମହିଳାଙ୍କ ସହିତ ସମାମାଜିକ ଓ ଆଇନଗତ ସ୍ୱୀକୃତି ସହିତ ସହାବସ୍ଥାନ ଓ ପରସ୍ପର ପ୍ରତି ଏବଂ ସେମାନଙ୍କର ପିଲାମାନଙ୍କ ଓ ସମ୍ପର୍କୀୟ ପ୍ରତି ଅନ୍ତର୍ନିହିତ ଅଧିକାର ଓ କର୍ତ୍ତବ୍ୟକୁ ବୁଝାଏ। ବିବାହ ସହିତ ପାରିବାରିକ, ସାମାଜିକ, ଅର୍ଥନୀତିକ ଓ ଧର୍ମୀୟ ଭାବୁକତା ମଧ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଆଉ କେତେକ ବିବାହ ସଂପର୍କରେ ମତ ଦେବାକୁ ଯାଇ କହିଛନ୍ତି – "ସମାଜ ଦ୍ୱାରା ଶୃଙ୍ଖଳିତ, ଗୃହୀତ ଓ ସ୍ୱୀକୃତି ଯୌନ ସମ୍ଭୋଗ ବିଧିବିଧାନକୁ ବିବାହ କୁହାଯାଏ।" ଆଉ କିଛି କୁହନ୍ତି – "ବିବାହ ହେଉଛି ବଂଶରକ୍ଷା ଓ ସମାଜ ରକ୍ଷା ସକାଶେ ପୁରୁଷ ଓ ସ୍ତ୍ରୀର ମିଳନ ଓ ପରିଣୟ। ମଣିଷର ଯୌନଜୀବନକୁ ଶୃଙ୍ଖଳିତ ଓ ସୁନିୟନ୍ତ୍ରିତ କରି ଏକ ସ୍ୱଚ୍ଛ ସାମାଜିକ ଜୀବନ ପ୍ରବାହ ଅବ୍ୟାହତ ରଖିବା ବିବାହର ମୂଳ ଲକ୍ଷ୍ୟ।" ଏଥିପାଇଁ ଭାରତୀୟ ପରଂପରାରେ ବିବାହକୁ ସମ୍ଭୋଗ ସର୍ବସ୍ୱ ଭାବେ ଗ୍ରହଣ କରାଯାଇ ନାହିଁ। ଏହା ମଣିଷକୁ ଆଙ୍ଗିକ ତଥା ଆତ୍ମିକ ପୂର୍ଣ୍ଣତା ପ୍ରଦାନ କରିବା ସହିତ ପାରମାର୍ଥିକ ଅଭିଷ୍ଟ ସାଧନ କରିବାରେ ସହାୟତା କରେ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ସେ ଯାହା ହେଉନା କାହିଁକି ବାଥୁଡ଼ି ସଂପ୍ରଦାୟରେ ମଧ୍ୟ ବିବାହ ସମୟରେ ବିଭିନ୍ନ ପ୍ରକାର ବିଧିବିଧାନ ଦେଖିବାକୁ ମିଳେ। ବାଥୁଡ଼ି ସଂପ୍ରଦାୟରେ ପୁଅ-ଝିଅ ବିବାହଯୋଗ୍ୟ ହେଲେ ବାପା-ମାଆ ପୁଅ-ଝିଅଙ୍କୁ ବିବାହ କରାଇ ଦିଅନ୍ତି।

ଏହି ବିବାହ ସମୟରେ ଗନ୍ଧାଦେବା ଏବଂ ମାଟିଖୋଳାଇବା ଏକ ପରଂପରା ରହିଛି, ତତ୍ ସହିତ ଡାଙ୍ଗୁଳୀମାନେ ଗୀତ ବୋଲିବାର ପ୍ରଥା ମଧ୍ୟ ପ୍ରଚଳିତ ଅଛି। ତାହା ଆଲୋଚନା ପରିସରକୁ ଆଣୁଛି।

**ଗନ୍ଧାଦିଆ :**

ବାଥୁଡ଼ି ସଂପ୍ରଦାୟର ବର ଓ କନିଆଁକୁ ବିବାହ ସମୟରେ ଗନ୍ଧାଦେବା ପ୍ରଥା ପ୍ରଚଳିତ ଅଛି। ସନ୍ଧ୍ୟା ସମୟରେ ବା ରାତ୍ରିର ପ୍ରଥମାର୍ଦ୍ଧରେ ବର ଏବଂ କନ୍ୟାକୁ ଗନ୍ଧା ଦିଆଯାଏ। ବର କନିଆଁଙ୍କ ନିଜ ଅଗଣାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଗନ୍ଧାଦେବା ସ୍ଥାନକୁ ନାଲିମାଟିରେ ଲିପାପୋଛା କରି ଝୋଟି ଚିତା ପକାଇ କଳସ କିମ୍ବା କଂସାର ଡାଳରଖି ପୂଜାପାଠ କରାଯାଏ। ଏହି ପୂଜାପାଠପାଇଁ କୌଣସି ବ୍ରାହ୍ମଣର ଆବଶ୍ୟକତା ପଡ଼ିନଥାଏ, ଗ୍ରାମର ଦେହୁରୀ ପୂଜା ପାଠ କରିଥାନ୍ତି। ପୂଜାପାଠପାଇଁ ଅରୁଆ ଚାଉଳ, ସିନ୍ଦୂର, କଜ୍ଜ୍ୱଳ, ହଳଦୀ, ଗନ୍ଧ, ଦୀପ ଇତ୍ୟାଦି ରଖାଯାଇଥାଏ। ଏହା ବ୍ୟତୀତ ଗୋଟିଏ ଶାଳପତ୍ର ଖଲିରେ ଧବଳ ବର୍ଣ୍ଣର ଧାନ ମଧ୍ୟ ଥାଏ। ଗ୍ରାମର ଦେହୁରୀ ପୂଜାପାଠ କଲାପରେ ଡାଙ୍ଗୁଆ ଡାଙ୍ଗୁଳି ବର କନ୍ୟାକୁ ଆଣି ପୂଜାସ୍ଥାନରେ ଖଲିପତ୍ର ଉପରେ ବସାନ୍ତି। ଗନ୍ଧାଦେବା କର୍ମ ପ୍ରଥମେ ଦେହୁରୀଙ୍କ ଦ୍ୱାରା ସଂପାଦିତ ହୋଇଥାଏ। ତାପରେ ବର ଏବଂ କନିଆଁର ମାଆ, ବାପା ମାଉସୀ, ପିଉସୀ, କାକା, ଖୁଡ଼ୀ, ମାମୁଁ, ମାଇଁ, ଭାଇ, ଭାଉଜ, ନାନୀ, ସାଙ୍ଗସାଥି ଏବଂ ସାହିପଡ଼ିଶାର ସ୍ତ୍ରୀ ଲୋକମାନେ ଗନ୍ଧାଦେବାକୁ ଆସିଥାନ୍ତି। ବାଥୁଡ଼ି ସଂପ୍ରଦାୟର ଗନ୍ଧାଦେବା ସମୟରେ ମଧ୍ୟ କିଛି ନୀତିନିୟମ ରହିଛି। ଯେପରିକି ଗନ୍ଧା ଦେଉଥିବା ବ୍ୟକ୍ତି ପ୍ରଥମେ ଧାନ ଖଲିରୁ ଆଞ୍ଜୁଳାଏ ଧାନ ଧରି ବର କନ୍ୟାର ମୁଣ୍ଡ, ଦୁଇକାନ୍ଧ, ଦୁଇ ପାଦରେ ଛୁଆଁଇ ପୁଣି ଧାନ ଖଲିରେ ରଖିଦେବେ। ତାପରେ ଗନ୍ଧା ଚଉପଦିରୁ ବାମହାତ କାନି ଆଙ୍ଗୁଠିରେ ଗନ୍ଧନେଇ ପୂର୍ବପରି ଛୁଆଁଇ ହଳଦୀ ମିଶ୍ରିତ ଅରୁଆ ଚାଉଳ ବର/କନ୍ୟାଙ୍କ ଉପରକୁ ଫିଙ୍ଗିଦେଇ ପ୍ରଜ୍ୱଳିତ ଦୀପ ସାହାଯ୍ୟରେ ବନ୍ଦାଇ ଦିଅନ୍ତି। ଏହି ଗନ୍ଧାଦିଆ ପ୍ରକ୍ରିୟା ଚାଲିଥିବା ସମୟରେ ବର/କନ୍ୟାଙ୍କ ପାଖରେ ଉପସ୍ଥିତ ଥିବା ଡାଙ୍ଗୁଳୀମାନେ ଗନ୍ଧାଦେଉଥିବା ବ୍ୟକ୍ତିଙ୍କୁ ଆକ୍ଷେପ କରି ବ୍ୟଙ୍ଗାତ୍ମକ ଗୀତ ବୋଲିଥାନ୍ତି। ଏହି ଗୀତଗୁଡ଼ିକୁ ବାଥୁଡ଼ି ସଂପ୍ରଦାୟର ଗନ୍ଧାଦିଆ ଗୀତ ନାମରେ ନାମିତ। ଏହି ଗନ୍ଧାଦିଆ ଗୀତ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ଆକ୍ଷେପ କରି ଗାନ କଲେ ମଧ୍ୟ ଏଥିରେ ରାଗରୁଷା ଅଭିମାନ ନଥାଏ, ଥାଏ ନିଜଭିତରେ ଭଲପାଇବାର ଆତ୍ମୀୟତା।

ଗନ୍ଧାଦିଆ ପର୍ଯ୍ୟାୟରେ ପ୍ରଥମେ ଗନ୍ଧାଦେଇଥାନ୍ତି ଗ୍ରାମର ଦେହୁରୀ କାରଣ ସେ ପୂଜାପାଠ କରିଥାନ୍ତି। ଗ୍ରାମର ଦେହୁରୀ ଗନ୍ଧା ଦେଉଥିଲା ବେଳେ ଉପସ୍ଥିତ ଥିବା ଡାଙ୍ଗୁଳୀଗଣ ଦେହୁରୀକୁ ଲକ୍ଷ୍ୟ କରି ଗୀତ ଗାଇଥାନ୍ତି - ମହୁରୀତ ମହୁରୀ ଡମଘର ମହୁରୀ/ ଭଲଭାଲ୍ କରି ଗନ୍ଧା ଦିଅ (୨ଥର)/ ମନୁଆ ଦେହୁରୀ।

ଏହି ଗୀତରେ ଦେହୁରୀକୁ ଆକ୍ଷେପ କରାଯାଇଛି, ମାତ୍ର ଗାଁ ଦେହୁରୀ ମନ ଭିତରେ କ୍ରୋଧଭାବ ଜାଗ୍ରତ ହୁଏ ନାହିଁ। କାରଣ ଏହି ଧାରା ବହୁ କାଳରୁ ବାଥୁଡ଼ି ସଂପ୍ରଦାୟରେ ପ୍ରଚଳିତ ହୋଇ ଆସୁଛି। କେବଳ ଯେ ଗ୍ରାମର ଦେହୁରୀକୁ ବ୍ୟଙ୍ଗାତ୍ମକ ଆକ୍ଷେପ କରିଥାନ୍ତି ତାନୁହେଁ, ଯେ କେହି ଗନ୍ଧା ଦେବାପାଇଁ ଆସିଲେ ତାଙ୍କୁ ବ୍ୟଙ୍ଗାତ୍ମକ କରି ଗୀତ ବୋଲିଥାନ୍ତି। ଦେହୁରୀର ଗନ୍ଧାଦିଆ ସମାପ୍ତ ହେଲାପରେ ବର/କନ୍ୟାର ମାଆ ଗନ୍ଧାଦେବା ପାଇଁ ଆସେ ତାକୁ ମଧ୍ୟ ଆକ୍ଷେପକରି ଗୀତ ବୋଲିଥାନ୍ତି- ନାଠିତ ନାଠି ବୋଲଇଁ ବନଶୀ ନାଠି ନାଠି/ କନିଆଁର ମାଆ ଗନ୍ଧା ଦେଉଛି, କନିଆଁର ମାଆ ଗନ୍ଧା ଦେଉଛି ଗୋ/ ପତର ଚାଟି ଚାଟି (୨ଥର)/ ଯା' ରସ ଯାଆ ଚାଲି ଯାଆରେ। (କନିଆଁର ମାଆ ଉଦ୍ଦେଶ୍ୟରେ)

ଠିକ୍ ସେହି ଭଳି ଅପର ପକ୍ଷରେ ବରର ମାଆ ପୁଅ ବାହାଘର ପାଇଁ ବିଭିନ୍ନ ଚିନ୍ତା କରିବା ଫଳରେ ମୁହଁ କଳାକାଠ ପଡ଼ିଯାଇଥାଏ। ସେ ଗନ୍ଧା ଦେଲା ବେଳେ ଡାଙ୍ଗୁଳୀଗଣ ତାଙ୍କୁ ଲକ୍ଷ୍ୟ କରି ବୋଲିଥାନ୍ତି – ଝାଟିତ ଝାଟି ବୋଲଇଁ କୁଳେଇ ଗନି ଝାଟି/ ପୁଅ ବାହାଘର କରିବ ବୋଲି (୨ଥର)/ ଫଇଲା କଳାକାଠି/ ଯା ରସ ଯାଆ ଚାଲି ଯାଆରେ। (ବରର ମାଆ ଉଦ୍ଦେଶ୍ୟରେ)

କେବଳ ଯେ ଉଭୟ ପକ୍ଷର ସ୍ତ୍ରୀ ଲୋକମାନେ ଗନ୍ଧା ଦିଅନ୍ତି ତାହା ଭ୍ରାନ୍ତ ଧାରଣା ଏଥିରେ ପୁରୁଷମାନେ ମଧ୍ୟ ଗନ୍ଧା ଦେଇଥାନ୍ତି। ବର କନିଆଁର ବାପା ଗନ୍ଧା ଦେଉଥିବା ସମୟରେ

ତାଙ୍କ ଉଦ୍ଦେଶ୍ୟରେ ବୋଲାଯାଏ- 'ଖରକା ତ ଖରକାଗୋ ବାହାର ଖରକା/ କନିଆଁର ବାପ ଗନ୍ଧା ଦେଉଛି/ କନିଆଁର ବାପ ଗନ୍ଧା ଦେଉଛି ଗୋ/ ଗୁଡ଼ଗା ଫେରେକା ଗୋ, ଗୁଡ଼ଗା ଫେରେକା'। (କନିଆଁର ବାପା ଉଦ୍ଦେଶ୍ୟରେ)

"କପାତ କପା ଗୋ, କୁହ୍ଳେଇ ଆଣିଲି କପା/ ବରର ବାପ ଗନ୍ଧା ଦେଉଛି,/ ବରର ବାପ ଗନ୍ଧା ଦେଉଛି ଗୋ/ ମୁହଁଟା ନାଇଁ ସଫା।" (ବରର ବାପା ଉଦ୍ଦେଶ୍ୟରେ)

ବର କନିଆଁର ବାପା ମାଆ ଗନ୍ଧା ଦେଲାପରେ ଅନ୍ୟ ଯେ କେହି ସଂପର୍କୀୟ ଗନ୍ଧା ଦେଇଥାନ୍ତି। ଯଦି ବର କନିଆଁର ଜେଜେ ମାଆ (ନାନା) ନିଜର ଗେହ୍ଲା ନାତି କିମ୍ବା ନାତୁଣୀକୁ ଗନ୍ଧା ଦେବା ପାଇଁ ଆସନ୍ତି ସେହି ସମୟରେ ଗାଁର ଢାଙ୍ଗୁଲୀମାନେ ବୋଲିଥାନ୍ତି। - "ଖଲିତ ଖଲି ଗୋ ଟିପିଗନି ଖଲି/ କନିଆଁର ନାନା ଗନ୍ଧା ଦେଉଛି (୨ଥର)/ ଭଲ ବଲିମେଇଁ ବୋଲି ଗୋ, ଭଲ ବୋଲିମେଇଁ ବୋଲି।"

ବାଥୁଡ଼ି ସଂପ୍ରଦାୟରେ ଭାଇ ଭଉଣୀର ପ୍ରେମ ଅନାବିଳ। ଭଉଣୀ ମଧ୍ଯ ଭାଇର ବିବାହ ସମୟରେ ଉପସ୍ଥିତ ରହି ଭାଇର ଗନ୍ଧାଦିଆ କାର୍ଯ୍ୟରେ ଭାଗନେଇଥାଏ। ଭଉଣୀ ଯେତେବେଳେ ଭାଇକୁ ଗନ୍ଧାଦିଏ ସେତିକି ବେଳେ ଗାଁର ଢାଙ୍ଗୁଲିମାନେ ଆକ୍ଷେପ କରି ଗାଇଥାନ୍ତି – "ନିଶ ତ ନିଶ ବୋଲଇଁ ମକା ନିଶ ନିଶ/ ବରର ଭଉଣୀ ଗନ୍ଧା ଦେଉଛି, ବର ଭଉଣୀ ଗନ୍ଧା ଦେଉଛି ଗୋ,/ ଆଣିଛି କିସ କିସା।" (୨ଥର)

ଏହି ଗୀତରୁ ଜଣାଯାଏ ଯେ, ବରର ଭଉଣୀ ଭାଇ ବାହାଘରକୁ ଆସିଲା ବେଳେ ସେ କ'ଣ କ'ଣ ଉପହାର ନେଇକି ଆସିଛି। ଯେତେ ଉପହାର ଆଣି ଥିଲେ ମଧ୍ୟ ବାଥୁଡ଼ି ସଂପ୍ରଦାୟରେ ସୁନିଶ୍ଚିତ ଗନ୍ଧାଦେବା ସମୟରେ ଗୀତ ବୋଲୁଥିବା ଢାଙ୍ଗୁଲୀମାନେ ଆକ୍ଷେପ କରି ଗୀତ ଗାନ କରିଥାନ୍ତି।

ଭାଉଜ ଦିଅରର ସଂପର୍କ ବାଥୁଡ଼ି ଜନଜାତିରେ ଅତିନିବିଡ଼। ଭାଉଜ ମଧ୍ଯ ଦିଅରର ଗନ୍ଧାଦିଆ ସମୟରେ ଉପସ୍ଥିତ ରହି ଦିଅରକୁ ଗନ୍ଧାଦେଇଥାଏ। ଭାଉଜ ଗନ୍ଧା ଦେଉଥିବା ସମୟରେ ନଣନ୍ଦମାନେ ଭାଉଜକୁ ବିଦ୍ରୁପ କରି ବୋଲିଥାନ୍ତି। - "ରେଙ୍ଗାଳ ତ ରେଙ୍ଗାଳ ବୋଲଇଁ ଭାଙ୍ଗିଲି ରେଙ୍ଗାଳ/ ବରର ଭାଉଜ ଗନ୍ଧା ଦେଉଛି, ବରର ଭାଉଜ ଗନ୍ଧା ଦେଉଛି ଗୋ,/ ଡେଇଁ ଗଲା ଶିଆଳ। (୨ଥର) କିମ୍ବା ଛାଇତ ଛାଇ ବୋଲଇଁ, ଡେଙ୍ଗା ଗଛର ଛାଇ/ ବରର ଭାଉଜ ଗନ୍ଧା ଦେଉଛି, ବରର ଭାଉଜ ଗନ୍ଧା ଦେଉଛି ଗୋ/ ଓଢଣା ଟାଣି ନାଇଁ, ଓଢଣା ଟାଣି ନାଇଁ।"

ଠିକ୍ ସେହିଭଳି ବରର ଅପା (ପିଉସୀ) ମଧ୍ଯ ବିବାହ ସମୟରେ ଗନ୍ଧା ଦେଇଥାନ୍ତି। ତାଙ୍କୁ ମଧ୍ୟ ଲକ୍ଷ୍ୟକରି ଗାଁର ଢାଙ୍ଗୁଲୀମାନେ ଗୀତ ବୋଲିଥାନ୍ତି – "ଟାଙ୍ଗର ତ ଟାଙ୍ଗର ଗୋ, ଠାଇ ଠାଇ ଟାଙ୍ଗର/ ବରର ଅପା ଗନ୍ଧା ଦେଉଛି, ବର ଅପା ଗନ୍ଧା ଦେଉଛି ଗୋ/ ବଢେଇଁ ବାଙ୍ଗର, ବଢେଇଁ ବାଙ୍ଗର। କିମ୍ବା କାଠିତ କାଠି ବୋଲଇଁ ଭାଙ୍ଗି ଗଲି କାଠି/ ପୁଅ ବାହାଘର କରିବି ବୋଲି, ପୁଅ ବାହାଘର କରିବି ବୋଲି ଗୋ/ ଆଣିଛି ଡମର ପାଟି, ଆଣିଛି ଡମର ପାଟି ।"

ବାଥୁଡ଼ି ସଂପ୍ରଦାୟର ଗନ୍ଧାଦେବା ଏକ ଭିନ୍ନ ପରଂପରା ଏଥିରେ ସମସ୍ତ ବନ୍ଧୁବାନ୍ଧବ ଆତ୍ମୀୟସ୍ୱଜନ ଗନ୍ଧା ଦେବାର ବିଧି ରହିଛି। ଏହି ଗନ୍ଧାଦେବା ପରଂପରାରେ ଭଣଜା କିମ୍ବା ଭାଣିଜୀ ବିବାହ ଉତ୍ସବରେ ମାମୁଁ-ମାଇଁ ମଧ୍ଯ ଗନ୍ଧା ଦେଇଥାନ୍ତି। ଭଣଜା କିମ୍ବା ଭାଣିଜୀ ବାହାଘରରେ କ'ଣ କ'ଣ ଉପହାର ନେଇ ଆସିଥାନ୍ତି ତାକୁ ଲକ୍ଷ୍ୟ କରି ମଧ୍ୟ ଗୀତ ବୋଲାଯାଇଥାଏ। ଯେପରିକି – "ଇଶ ତ ଇଶ ବୋଲଇଁ, ନୂଆ ଲଙ୍ଗଳର ଇଶ (୨ଥର)/ ଭଣଜା ବାହାଘର କରିବି ବୋଲି, ଭଣଜା ବାହାଘର କରିବି ବୋଲି ଗୋ/ ଆଣିଛେ କିସ କିସ, ଆଣିଛେ କିସା।"

ବାଥୁଡ଼ି ସଂପ୍ରଦାୟର ବିବାହ ସମୟରେ ଢାଙ୍ଗୁଆ ଢାଙ୍ଗୁଲୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ କାରଣ ଏମାନେ ବିବାହ ସମୟର ବହୁ ରୀତିନୀତିରେ ଉପସ୍ଥିତ ରହିବାକୁ ପଡ଼ିଥାଏ। ଏମାନେ ମଧ୍ଯ ଗନ୍ଧା ଦେଇଥାନ୍ତି। ଗନ୍ଧା ଦେବା ସମୟରେ ସମସ୍ତ ଆତ୍ମୀୟସ୍ୱଜନଙ୍କୁ ବ୍ୟଙ୍ଗାତ୍ମକ ଶୈଳୀରେ ଗୀତ ବୋଲା ଯାଇଥାଏ। ସମସ୍ତେ ଗନ୍ଧା ଦେଇ ସାରିବା ପରେ ବର କନିଆଁକୁ ବେଦୀଶାଳରୁ ଉଠାଇ ଦେବା ସମୟରେ ମଧ୍ଯ ଗୀତ ବୋଲାଯାଇଥାଏ। ଯଥା- "ହଳଦୀ ଛେଚିନି ଶିଳ ଡେରି ଗନି, ଶିଳ ତଳେ ବାଲିର ଚୂଅ/ ନାମ ନ ଜଣାଇ କି ବୋଲି ଡାକିବି, ଉଠ ଉଠ ବଡ଼ଘର ପୁଅ।" (କନିଆଁ ପାଇଁ ପୁଅ ସ୍ଥାନରେ ଝିଅ)

## ମାଟିଖୋଳା :

ମାଟିଖୋଳା ବାଥୁଡ଼ି ସଂପ୍ରଦାୟ ବିବାହ ଉତ୍ସବର ଏକ ମହତ୍ କର୍ମ। ବର ବରଯାତ୍ରୀ ଧରି ବିବାହ କରିବାକୁ ଯିବା ପୂର୍ବରୁ ନିଜ ଘରେ ସ୍ଥାପିତ ହୋଇଥିବା ବେଦୀପାଇଁ ଗ୍ରାମର ନିର୍ଦ୍ଧାରିତ ସ୍ଥାନରୁ ମାଟି ଖୋଳି ଆଣିଥାଏ। ଏହି ନିୟମ ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ହୋଇଥାଏ। ମାଟିଖୋଳିବା ପାଇଁ ଯିବାସମୟରେ ମଧ୍ଯ ବର ବାଜାବଜାଇ ରୋଶଣୀକରି ଯାଇଥାଏ ମାତ୍ର ସାଂପ୍ରତିକ ସମୟରେ ଡିଜେବଜାଇ ନାଚଗୀତ କରି ମାଟିଖୋଳିବା ପାଇଁ ଯାଇଥାଏ। ଅପର ପକ୍ଷେ କନିଆଁ ଘରେ ମଧ୍ଯ ଏସବୁ ବିଧି ପାଳନ ହୋଇଥାଏ। ଏହି ବିଧି ବାଥୁଡ଼ି ସଂପ୍ରଦାୟରେ କେବେଠାରୁ ପ୍ରଚଳିତ ହୋଇ ଆସୁଛି ତାହା କହିବା କଷ୍ଟକର ବ୍ୟାପାର। ମାଟିଖୋଳା ପୂର୍ବରୁ ମଧ୍ଯ ଆଉ ଗୋଟିଏ ବିଧି ଅଛି, ତାହା ହେଉଛି ଗନ୍ଧାଦେବା ପରେ ବର ଏବଂ କନିଆଁକୁ ସାହିର ଯୁବତୀମାନେ(ଢାଙ୍ଗୁଲୀମାନେ) ଘରର କିଛି ଦୂରରେ ବର କନିଆଁକୁ ଗାଧେଇ ଦିଅନ୍ତି। ବର କନିଆଁ ଗାଧେଇ ସାରିଲା ପରେ ମାଟିଖୋଳାପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥାଏ। ବର କନିଆଁକୁ ଉଭୟ ପକ୍ଷର ଢାଙ୍ଗୁଆ ଢାଙ୍ଗୁଲୀଙ୍କୁ ସଜବାଜ (ବେଶଭୂଷା) କରିବାକୁ ପଡ଼ିଥାଏ। ସାହିର ଯୁବକ ଯୁବତୀ (ଢାଙ୍ଗୁଆ, ଢାଙ୍ଗୁଲୀ) ବର ମୁଣ୍ଡରେ ପଗଡ଼ି, ମଥାରେ ଚନ୍ଦନ ଟିପା, ବେକରେ ଫୁଲ ମାଳ, ହାତରେ ରୂପାର କିମ୍ବା ସୁନାର ବଳା ପିନ୍ଧାଇ ସଜ କରିଦିଅନ୍ତି। ଏହା ବ୍ୟତୀତ ହାତରେ ଖିଲିକାତି ବା ନଡ଼ିଆ ଧରିବାର ପରଂପରା ବାଥୁଡ଼ି ସଂପ୍ରଦାୟରେ ରହିଆସିଛି। ଝିଅ ଘରେ ମଧ୍ଯ ଝିଅକୁ ସଜବାଜ କରିବାର ରୀତିନୀତି ରହିଛି। ବର କନିଆଁ ସଜବାଜ ହେଲାପରେ ପ୍ରସେସନ୍ କରି ମାଟିଖୋଳିବାର ନିର୍ଦ୍ଦିଷ୍ଟ ସ୍ଥାନକୁ ବାହାରେ। ଏହି ପ୍ରସେସନରେ ଆତ୍ମୀୟସ୍ୱଜନ, ସାହିପଡ଼ିଶା,

ବନ୍ଧୁବାନ୍ଧବ, ଯୁବକ ଯୁବତୀ ସମସ୍ତେ ଅଂଶଗ୍ରହଣ କରିଥାନ୍ତି। ବର କନିଆଁ ମାଟିଖୋଳି ଯିବା ସମୟରେ କୋଦାଳ (କୋଡ଼ି), ପୂଜାଡଲା ଓ ଗୋଟିଏ କୁଲା ମଧ୍ୟ ସଙ୍ଗରେ ନେବାକୁ ପଡ଼ିଥାଏ। ବର/କନିଆଁର ମାଟିଖୋଳା ଦେଖିବାକୁ ଗାଁ ଦାଣ୍ଡର ଉଭୟ ପାର୍ଶ୍ୱରେ ବହୁଲୋକ ରୁଣ୍ଡ ହୋଇଥାନ୍ତି। ବର/କନିଆଁ ଗାଁ ଦାଣ୍ଡରେ ଉଭୟ ପାର୍ଶ୍ୱରେ ଛିଡ଼ା ହୋଇଥିବା ଗୁରୁଜନମାନଙ୍କୁ ପ୍ରଣାମ କରିଥାନ୍ତି ଏ ପରଂପରା ମଧ୍ୟ କେବେଠାରୁ ପ୍ରଚଳିତ ହୋଇ ଆସୁଛି ତାହା ମଧ୍ୟ କହିବା କଷ୍ଟକର। ଗ୍ରାମର ନିର୍ଦ୍ଦିଷ୍ଟ ସ୍ଥାନରେ ମାଟିଖୋଳିବାର ଯେଉଁ ପରଂପରା ରହିଛି ସେହି ସ୍ଥାନ ପର୍ଯ୍ୟନ୍ତ ପ୍ରସେସନ୍ ଯାଇଥାଏ। ନିର୍ଦ୍ଦିଷ୍ଟ ସ୍ଥାନରେ ଉପନୀତ ହେବାପରେ ପୂଜାଡାଲାରୁ ଅରୁଆଚାଉଳ ଓ ଗୋଟା ଗୁଆ ଥୋଇଦିଆଯାଏ। ବର/କନ୍ୟା ଚାରିଦିଗକୁ ପ୍ରଣାମ କଲାପରେ ସାତଜଣ ବର/କନ୍ୟା ସହିତ କୋଦାଳ ବେଣ୍ଟକୁ ଧରି ସାତଥର ମାଟି ଖୋଳି କୁଲାକୁ ଉଠାଇଥାନ୍ତି। ମାଟି କୁଲାଟି ଡାଙ୍ଗୁଳୀମାନେ ଧରି ନାଚଗୀତ କରି ବର/କିନିଆଁ ସହିତ ପ୍ରସେସନ କରି ପ୍ରତ୍ୟାବର୍ତ୍ତନ କରିଥାନ୍ତି। ବର/କିନିଆଁ ନିଜ ଘରକୁ ବାହୁଡ଼ିବା ସମୟରେ ବରକୁ ସାନଭାଇ ସଂପର୍କିତ ଜଣେ ଯୁବକ କାନ୍ଧରେ କାନ୍ଧାଇ ଘର ପର୍ଯ୍ୟନ୍ତ ଆଣିଥାନ୍ତି। ଠିକ୍ ସେହିପରି କନିଆଁକୁ ମଧ୍ୟ ଜଣେ ଯୁବତୀ କାଖ କରି ଘର ପର୍ଯ୍ୟନ୍ତ ନେଇ ଆସନ୍ତି। ବର/କିନିଆଁ ମାଟି ଖୋଳିବାକୁ ଯିବା ସମୟରେ ଓ ପ୍ରତ୍ୟାବର୍ତ୍ତନ ସମୟରେ ସାହିର ଡାଙ୍ଗୁଳୀମାନେ କିଛି ଗୀତ ଗାନ କରିଥାନ୍ତି। ବାଥୁଡ଼ି ସଂପ୍ରଦାୟରେ ଏହି ଗୀତକୁ ମାଟିଖୋଳା ଗୀତ ବୋଲି କୁହାଯାଇଥାଏ। ଏହି ପରଂପରା କେବେଠୁ ଆରମ୍ଭ ହେଲା ତାହା ମଧ୍ୟ କହିବା ସମ୍ଭବ ପର ନୁହେଁ। ସାଧାରଣତଃ ଡାଙ୍ଗୁଳୀମାନେ ଏହି ଗୀତ ବୋଲିବା ବେଳେ ବର/କନିଆଁ, ବରକୁ କାନ୍ଧେଇ ଓ କାଖ କରିଥିବା ପିଲା ପ୍ରତି, ବର/କନିଆଁ ଘରର ବାଜା ବାଣ ଇତ୍ୟାଦି ପ୍ରତି ବ୍ୟଙ୍ଗାତ୍ମକ ଶୈଳୀରେ ଗୀତ ବୋଲିଥାନ୍ତି।

ବରମାଟି ଖୋଳିବାକୁ ଯିବା ସମୟରେ ବର ଭଉଣୀ ପାଇଁ ରଜ ସମୟରେ ପ୍ରତ୍ୟେକ ବର୍ଷ ଯେଉଁ ଦୋଳି ତିଆରି କରୁଥିଲା ଏବଂ ଘରର କୌଣସି ଦାୟିତ୍ୱ ନନେଇ ବୁଲାବୁଲି କରି ବାପା ମାଆଙ୍କ ରୋଜଗାରରେ ଖାଉଥିଲା ସେଥିପ୍ରତି ଦୃଷ୍ଟିଦେଇ ବରକୁ ଆକ୍ଷେପ କରି ଡାଙ୍ଗୁଳୀମାନେ ଗୀତ ବୋଲିଥାନ୍ତି- "ଜଳି ତ ଜଳି ବୋଲଇଁ,/ ବାଟର ଡେଙ୍ଗା ଜଳି/ ଆମ୍ଭର ଭାଇ ବାହା ହେଉଛିରେ ମକର,/ କିଏ ବନାକେ ଦୁଳି/ ଯାରସ ଯାଚାଲି ଯାରେ। କିମ୍ବା କେତା ତ କେତା ବୋଲଇଁ/ ବାଳିଆ ମାଛର କେତା/ ବୁଲି ଆସି କରି ଖାଉଥିଲାରେ ମକର/ ଏଥର ପଶିଲା ଚେତା/ ଯା' ରସ ଯା' ଚାଲିଯାରେ।"

ବରକୁ କାନ୍ଧରେ ବସାଇଥିବା ବ୍ୟକ୍ତି ଯଦି ଦୁର୍ବଳ ହୋଇଥାଏ ଏବଂ ଚାଲିଲାବେଳେ ପାଦ ଟଳମଳ ହୋଇ ଚାଲୁଥିଲେ ସେ ପିଲା ପ୍ରତି ଆକ୍ଷେପ କରି ଗୀତ ବୋଲାଯାଇଥାଏ- "ପୁଳା ତ ପୁଳା ବୋଲଇଁ/ ଗଡ଼େଇ ଗନି ପୁଳା/ ମାରି ଦିଅ ତେନ୍ତୁଳି ଛାଟରେ ମକର/ ଘଟିକି ଯାଉ ଘୁଳା/ ଯା' ରସ ଯା' ଚାଲିଯାରେ...। କିମ୍ବା ବାନା ତ ବାନା ବୋଲଇଁ/ ଗଛରେ ଉଡ଼ଇ ବାନା/ ବର ଘର ଘୁଳା କରିଛି(୨ଥର) ମକର/ କାହୁଁ ଖାଇ ନାହିଁ ଦାନା/ ଯା ରସ ଯା ଚାଲିଯାରେ...।"

ବିବାହ ପାଇଁ ବାଥୁଡ଼ି ସଂପ୍ରଦାୟରେ ବାଜା, ବାଣର ମଧ୍ୟ ଆୟୋଜନ କରାଯାଇଥାଏ। ବରଘର ସକ୍ଷମମତେ ଯେତେ ଉନ୍ନତମାନର ବାଜାବାଣ କରିଥିଲେ ମଧ୍ୟ ବରଘରକୁ ବିଦ୍ରୁପ କରି ପଦେ ଅଧେ ଗୀତ ବୋଲିଥାନ୍ତି। ଯଥା- "ଖଟ ତ ଖଟ ବୋଲଇଁ/ ବୁଣିଗଲି ଖଟ/ ବରଘର ବାଜା କରିଛିରେ (୨ଥର) ମକର/ ବାଜଇ ଫଟ ଫଟ (୨ଥର)/ ଯା ରସ ଯା ଚାଲିଯାରେ...।"

ଏହା ବ୍ୟତୀତ ବିଭିନ୍ନ ପ୍ରକାରର ଗନ୍ଧାଦିଆ ଓ ମାଟିଖୋଳା ଗୀତ ବୋଲାଯାଇଥାଏ। ବାଥୁଡ଼ି ସଂପ୍ରଦାୟର ବିବାହକାଳୀନ ଗନ୍ଧାଦିଆ ଓ ମାଟିଖୋଳା ଗୀତ ବାଥୁଡ଼ି ସମାଜର ସାଂସ୍କୃତିକ ଚେତନାର ବାହକ। କିନ୍ତୁ ପରିତାପର ବିଷୟ ବାଥୁଡ଼ି ସମାଜର ସାଂସ୍କୃତିକ ବିଭବ କ୍ରମଶଃ ଲୋପ ପାଇବାରେ ଲାଗିଛି। ଆଧୁନିକ ଶିକ୍ଷା ଓ ସଭ୍ୟତାର ସଂସ୍ପର୍ଶରେ ଆସିବା ଫଳରେ ବାଥୁଡ଼ି ଜନଜାତି ନିଜ ଭାଷା, ସଂସ୍କୃତି ପରଂପରାଠାରୁ ଦୂରେଇ ଯାଉଥିବା ଲକ୍ଷ୍ୟ କରାଯାଏ। ଆଧୁନିକତାକୁ ଆଦରିନେଉଥିବା ବାଥୁଡ଼ିଜନଜାତିଙ୍କର ବିବାହ ସମୟରେ ବୋଲା ଯାଉଥିବା ଗନ୍ଧାଦିଆ ଓ ମାଟିଖୋଳା ଲୋକଗୀତ ପୂର୍ବପରି ଡାଙ୍ଗୁଳୀମାନଙ୍କ ମୁଖରୁ ଗୁଞ୍ଜରିତ ହୋଇ ବାଥୁଡ଼ି ସଂପ୍ରଦାୟର ଜନଜୀବନ ତଥା ପ୍ରାକୃତିକ ପରିବେଶକୁ ଗୁଞ୍ଜରିତ କରୁନାହିଁ। ବାଥୁଡ଼ି ସଂପ୍ରଦାୟର ସମୃଦ୍ଧ ସଂସ୍କୃତିକୁ ବଂଚାଇ ରଖିବାକୁ ହେଲେ ନିଜ ପରଂପରାଠାରୁ ଦୂରେଇ ନଯାଇ ବିବାହକାଳୀନ ଗନ୍ଧାଦିଆ ଓ ମାଟିଖୋଳା ଗୀତଗୁଡ଼ିକୁ ବିବାହ ସମୟରେ ବୋଲିବା ଏକାନ୍ତ ଆବଶ୍ୟକ ।


ସହାୟକ ଗ୍ରନ୍ଥସୂଚୀ

୧) ଓଡ଼ିଶା ସାହିତ୍ୟ ଏକାଡେମୀ(ସଂ)। ୨୦୦୪। ଓଡ଼ିଆ ସାହିତ୍ୟ ଓ ଆଦିବାସୀ ସାହିତ୍ୟ। ଦ୍ୱିତୀୟ ସଂସ୍କରଣ। ଭୁବନେଶ୍ୱର: ଓଡ଼ିଶା ସାହିତ୍ୟ ଏକାଡେମୀ।

୨) ପସାୟତ, ଚିତ୍ରସେନ। ୨୦୧୬। ଆଦିବାସୀ ମୌଖିକ ସାହିତ୍ୟ ପରଂପରା(ସଂ)। ଦ୍ୱିତୀୟ ସଂସ୍କରଣ । ଭୁବନେଶ୍ୱର: ଓଡ଼ିଶା ସାହିତ୍ୟ ଏକାଡେମୀ।

୩) ନନ୍ଦ, ଦୁର୍ଗାମାଧବ। ୨୦୦୧। ଆମ ଲୋକ ଗୀତ ଓ ଲୋକ ବାଦ୍ୟ(ସଂ)। ପ୍ରଥମ ସଂସ୍କରଣ। ପୁରୀ: ଲୋକ ସଂସ୍କୃତି ଗବେଷଣା ପରିଷଦ।

୪) ଶତପଥି, ରବୀନ୍ଦ୍ର କୁମାର। ୨୦୦୦। ବାଥୁଡ଼ି ଲୋକ ସାହିତ୍ୟ। ପ୍ରଥମ ସଂସ୍କରଣ। ଭୁବନେଶ୍ୱର: ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ।



## Funding

No funding was received for conducting this study.

**Does this article screened for similarity?**
Yes

**Conflict of interest**
The Author has no conflicts of interest to declare that they are relevant to the content of this article.

**About the Licenses**
© Dr. Raja kumara Naik 2024. The text of this article is open access and licensed under a Creative Commons Attribution 4.0 International License

**Cite this Article :**
Dr. Raja kumara Naik, Lokagita Paramparaare Baathudi Sampradayara Gandhadia o Matikholla Gita, Bageesha, Vol. No. 02, Issue No. 06, November - December 2024, Article No: BM2024/06-A002 | Page- 14-18

●